# NATIONAL NEWS BULLETIN (ODIA)
## 17 October - 2025
## Morning Bulletin : 7.15 a.m.

*********************************

## ମୁଖ୍ୟ ସମ୍ବାଦ

- ବିହାର ବିଧାନସଭାର ପ୍ରଥମ ପର୍ଯ୍ୟାୟ ନିର୍ବାଚନ ନିମନ୍ତେ ଆଜି ହେଉଛି ପ୍ରାର୍ଥୀପତ୍ର ଦାଖଲର ଶେଷ ଦିନ ।
- ଦେଶରେ ଥିବା କୃଷି ବିଜ୍ଞାନ କେନ୍ଦ୍ରଗୁଡ଼ିକୁ ଅଧିକ କ୍ରିୟାଶୀଳ ଏବଂ ସଶକ୍ତ କରିବା ଲାଗି କେନ୍ଦ୍ର କୃଷି ମନ୍ତ୍ରୀଙ୍କ ଗୁରୁତ୍ୱାରୋପ ।
- ଗୁଜରାଟ କ୍ୟାବିନେଟ୍‌ର ଆଜି ଅଦଳ ବଦଳ ହେବା ପୂର୍ବରୁ ଇସ୍ତଫା ଦେଲେ ସମସ୍ତ ମନ୍ତ୍ରୀ ।
- ପାକିସ୍ତାନର ବଲୁଚିସ୍ତାନରେ ପାକ୍ ସେନାର ଆକ୍ରମଣରେ ୬ ମୃତ ।

ଏବଂ

- ଆସନ୍ତାମାସ ୨୪ ତାରିଖରୁ ରାଜସ୍ଥାନ ଆରମ୍ଭ ହେବ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା ।

# ବିହାର-ନୋମିନେସନ

ବିହାର ବିଧାନସଭାର ପ୍ରଥମ ପର୍ଯ୍ୟାୟ ନିର୍ବାଚନ ନିମନ୍ତେ ଆଜି ପ୍ରାର୍ଥୀପତ୍ର ଦାଖଲର ଶେଷ ଦିନ ରହିଛି । ମୋଟ୍ ୨୪୩ଟି ଆସନ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ଆସନ୍ତା ନଭେମ୍ବର ୬ ତାରିଖରେ ୧୨୧ଟି ଆସନ ପାଇଁ ମତଦାନ ଅନୁଷ୍ଠିତ ହେବ । ଏଥିରେ ପାଟନା, ଦରଭଙ୍ଗା, ମୁଜାଫଫରପୁର, ଗୋପାଳଗଞ୍ଜ ଏବଂ ଭୋଜପୁର ଆଦି ଜିଲ୍ଲା ରହିଛି । ଆସନ୍ତାକାଲି ପ୍ରାର୍ଥୀପତ୍ର ଯାଞ୍ଚ ଏବଂ ଚଳିତ ମାସ ୨୦ ତାରିଖ ସୁଦ୍ଧା ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ଦିନ ରହିଛି । ବିହାର ବିଧାନସଭାର ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ନଭେମ୍ବର ୧୧ରେ ଅନୁଷ୍ଠିତ ହେବ ଏବଂ ନଭେମ୍ବର ୧୪ରେ ଦୁଇଟି ଯାକ ପର୍ଯ୍ୟାୟର ଭୋଟ୍ ଗଣତି କରାଯିବ ।

# ପି.ଏମ୍. - ଆନ୍ଧ୍ରପ୍ରଦେଶ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆନ୍ଧ୍ରପ୍ରଦେଶରେ ୨ ହଜାର ୮୮୦ କୋଟିରୁ ଅଧିକ ଟଙ୍କାର କୁର୍ନୁଲ୍-୩ ପୁଲିଙ୍ଗ୍ ଷ୍ଟେସନ୍‌ର ଶିଳାନ୍ୟାସ କରିଛନ୍ତି । ଏଥିରେ ୭ ଶହ ପଞ୍ଚଷଠି କିଲୋ ଭୋଲ୍‌ଟ୍ ଡବଲ୍ ସର୍କିଟ୍ ବିଦ୍ୟୁତ୍ ବିତରଣ ବ୍ୟବସ୍ଥା ରହିଥିବାବେଳେ ଦେଶର ବିକାଶ କ୍ଷେତ୍ରରେ ଶକ୍ତିକ୍ଷେତ୍ରକୁ ବାର୍ଷିକ ୬ ହଜାର ମେଗା ଭୋଲ୍‌ଟ୍ ଆମ୍ପିୟର୍ ଶକ୍ତି ଯୋଗାଣ କରିବ ବୋଲି ଜଣାପଡ଼ିଛି । ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଡବଲ୍ ଇଞ୍ଜିନ୍

ସରକାର ଆନ୍ଧ୍ରପ୍ରଦେଶର ବିକାଶକୁ ପରବର୍ତ୍ତୀ ସ୍ତରକୁ ନେବା ଲାଗି ଉଦ୍ୟମ ଜାରି ରଖିଛନ୍ତି ।

***Voice (PM - Duble Ening)*** :..........

ପ୍ରଧାନମନ୍ତ୍ରୀ ଓରଭାକାଲ୍ ଶିଳ୍ପାଞ୍ଚଳର ମଧ୍ୟ ଶିଳାନ୍ୟାସ କରିଛନ୍ତି । ଏଥିରେ ୪ ହଜାର ୯୨୦ କୋଟି ଟଙ୍କା ବିନିଯୋଗ କରାଯିବ । ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଏହି ବହୁମୁଖୀ ଶିଳ୍ପ ହବ୍ ଆଗାମୀ ଦିନରେ ଆନ୍ଧ୍ରପ୍ରଦେଶର ଯୁବକମାନଙ୍କୁ କର୍ମନିଯୁକ୍ତି ଯୋଗାଇଦେବାରେ ସହାୟକ ହେବ । ଏହାକୁ ଶକ୍ତି କ୍ଷେତ୍ରରେ ଘଟିଥିବା ବଡ଼ ପରିବର୍ତ୍ତନ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

***Voice (PM Engery)*** :......

ଏହି ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଗୁଗୁଲ୍ ଦ୍ୱାରା ସ୍ଥାପନ ହେବାକୁ ଥିବା କୃତ୍ରିମ ବୁଦ୍ଧିମତା କେନ୍ଦ୍ର ବିଷୟରେ ଆଲୋକପାତ କରି କହିଛନ୍ତି,

***Voice (PM AI Hub)*** :..........

# ଏଗ୍ରି-କେଭିକେ

କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଦେଶରେ ଥିବା କୃଷି ବିଜ୍ଞାନ କେନ୍ଦ୍ର ଗୁଡ଼ିକୁ ଅଧିକ କ୍ରୀୟାଶୀଳ ଏବଂ ସଶକ୍ତ

କରିବା ଉଦ୍ଦେଶ୍ୟରେ ଏକ ଉଚ୍ଚସ୍ତରୀୟ ବୈଠକରେ ଗୁରୁତ୍ୱାରୋପ କରିଛନ୍ତି । ନୂଆଦିଲ୍ଲୀରେ ଅନୁଷ୍ଠିତ ବୈଠକରେ ଶ୍ରୀ ଚୌହାନ କହିଛନ୍ତି, ଦେଶରେ ଏବେ ୭୩୧ଟି କୃଷି ବିଜ୍ଞାନ କେନ୍ଦ୍ର କାର୍ଯ୍ୟ କରୁଛି । ସେହି କେନ୍ଦ୍ର ଗୁଡ଼ିକ ନାମମାତ୍ର କୃଷକମାନଙ୍କ କଲ୍ୟାଣ ନିମନ୍ତେ ନିଜର କାର୍ଯ୍ୟ ସମ୍ପ୍ରସାରଣ କରୁଛନ୍ତି । ଶ୍ରୀ ଚୌହାନ କହିଛନ୍ତି, କୃଷକମାନଙ୍କ ପାଖରେ ଶୀଘ୍ର ପହଞ୍ଚିବା କ୍ଷେତ୍ରରେ କୃଷି ବିଜ୍ଞାନ କେନ୍ଦ୍ର କାର୍ଯ୍ୟ କରିବା ସହ ଆଧୁନିକ ଜ୍ଞାନକୌଶଳ ଓ ପ୍ରଶିକ୍ଷଣ ପ୍ରଦାନ ଏବଂ କୃଷି ନବସୃଜନ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି । କୃଷି ଏବଂ ପ୍ରାକୃତିକ ଚାଷ କାର୍ଯ୍ୟକୁ ବିକଶିତ କରିବା ଦିଗରେ କୃଷି ବିଜ୍ଞାନ କେନ୍ଦ୍ର ଗୁଡ଼ିକ ଆଦର୍ଶ ପଦକ୍ଷେପ ନେବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ ଶ୍ରୀ ଚୌହାନ କୃଷି ବିଜ୍ଞାନ କେନ୍ଦ୍ର ଗୁଡ଼ିକୁ ଆବଶ୍ୟକ ଆର୍ଥିକ, ମାନବସମ୍ବଳ ଏବଂ ପ୍ରଯୁକ୍ତି ବିଦ୍ୟା ସହାୟତା ଯୋଗାଇଦେବାକୁ ଭାରତୀୟ କୃଷି ଗବେଷଣା ପରିଷଦକୁ ନିର୍ଦ୍ଦେଶ ଦେଇଛନ୍ତି ।

## ଜି ୨୦ କ୍ଲାଇମେଟ୍

କେନ୍ଦ୍ର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୂପେନ୍ଦର ଯାଦବ କହିଛନ୍ତି, 'ଜି-୨୦' ଉଦ୍ଦେଶ୍ୟ ଏବଂ କାର୍ଯ୍ୟାନ୍ୱୟନ ମଧ୍ୟରେ ଏକ ସଂଯୋଗୀ ସେତୁ ଭାବେ କାର୍ଯ୍ୟ କରିବା ଉଚିତ୍ ।

ଯେଉଁଥିରେ ପ୍ରତ୍ୟେକ ଦେଶର ଅବଦାନକୁ ଗୁରୁତ୍ୱ ଦିଆଯିବା ସହ ସାମର୍ଥ୍ୟ ବୃଦ୍ଧି ଲାଗି ପଦକ୍ଷେପ ନିଆଯିବ । ଗତକାଲି ଦକ୍ଷିଣ ଆଫ୍ରିକାରେ 'ଜି-୨୦' ସମାବେଶୀ ଜଳବାୟୁ ଓ ପରିବେଶ ମନ୍ତ୍ରୀ ସ୍ତରୀୟ କାର୍ଯ୍ୟ ଗୋଷ୍ଠୀର ବୈଠକର ଉଦ୍‌ଘାଟନୀ ଉତ୍ସବରେ ଉଦ୍‌ବୋଧନ ଦେଇ ମନ୍ତ୍ରୀ ଶ୍ରୀ ଯାଦବ କହିଛନ୍ତି, ଭାରତ ଜୈବବିବିଧତା ଏବଂ ସଂରକ୍ଷଣ କ୍ଷେତ୍ରରେ ପ୍ରସ୍ତାବିତ ଇକୋ ସିଷ୍ଟମ୍ ଆଧାରିତ ପଦ୍ଧତି ଗ୍ରହଣ କରିବା ସହ ଏହାର କାର୍ଯ୍ୟାନ୍ୱୟନକୁ ସମର୍ଥନ କରେ ।

ଶ୍ରୀ ଯାଦବ କହିଥିଲେ, ଭାରତ ଜଳବାୟୁ ଏବଂ ବିକାଶ ଉଭୟକୁ ସମନ୍ୱିତ କରିବାକୁ ନିଆଯାଉଥିବା ପଦକ୍ଷେପକୁ ସମର୍ଥନ କରି ଆସୁଛି । ସେ କହିଛନ୍ତି, ଜଳବାୟୁ ପରିବର୍ତ୍ତନ ଓ ପରିବେଶ ସଂରକ୍ଷଣ କ୍ଷେତ୍ରରେ ବ୍ୟକ୍ତିବିଶେଷଙ୍କ ସାମାଜିକ ଆଭିମୁଖ୍ୟ ଏବଂ ଜୀବନଶୈଳୀ ପ୍ରାସଙ୍ଗୀକ ହୋଇ ରହିଛି । ଆଗାମୀ ଦିନରେ ଏହାକୁ ଭବିଷ୍ୟତର ପରିବେଶ ସହ ସମାନ କରିବା ଲକ୍ଷ୍ୟ ନେଇ କାର୍ଯ୍ୟ କରିବା ଉପରେ ମନ୍ତ୍ରୀ ଶ୍ରୀ ଯାଦବ ଗୁରୁତ୍ୱାରୋପ କରିଛନ୍ତି ।

## ଗୁଜରାଟ-କ୍ୟାବିନେଟ୍

ଗୁଜୁରାଟ ମୁଖ୍ୟମନ୍ତ୍ରୀ ଭୁପେନ୍ଦ୍ର ପଟେଲ୍‌ଙ୍କ କ୍ୟାବିନେଟ୍‌ରେ ଆଜି ଅଦଳବଦଳ ହେବ । ଗତକାଲି ସମସ୍ତ ୧୬ ଜଣ ମନ୍ତ୍ରୀ ସେମାନଙ୍କ

ପଦରୁ ଇସ୍ତଫା ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ସେମାନଙ୍କ ଇସ୍ତଫା ଗ୍ରହଣ କରିଥିବା ଜଣାପଡ଼ିଛି । ଦଳର ଜଣେ ବରିଷ୍ଠ ନେତା କହିଛନ୍ତି, ମନ୍ତ୍ରୀମାନଙ୍କୁ ଇସ୍ତଫା ଦେବା ଲାଗି କୁହାଯାଇଥିଲା । ଫଳରେ ଦଳର ମୁଖ୍ୟ ଆଗାମୀ ସ୍ଥାନୀୟ ସଂସ୍ଥା ନିର୍ବାଚନ ପୂର୍ବରୁ ମୁକ୍ତ ଭାବେ ମନ୍ତ୍ରିମଣ୍ଡଳ ଗଠନ କରିପାରିବେ । ବିଦାୟୀ ମନ୍ତ୍ରିମଣ୍ଡଳରେ ୮ ଜଣ କ୍ୟାବିନେଟ୍ ମନ୍ତ୍ରୀ, ୬ ଜଣ ରାଷ୍ଟ୍ର ମନ୍ତ୍ରୀ ଏବଂ ୨ ଜଣ ସ୍ୱାଧୀନ ଦାୟିତ୍ୱ ରାଷ୍ଟ୍ର ମନ୍ତ୍ରୀ ଥିଲେ ।

## ଚୌହାନ-ଫାର୍ମର୍ସ୍

କୃଷକମାନଙ୍କ ଅଭିଯୋଗର ସମାଧାନ ନିମନ୍ତେ ଗତକାଲି ନୂଆଦିଲ୍ଲୀରେ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସାର, କୀଟନାଶକ, ବିହନ, ପ୍ରଧାନମନ୍ତ୍ରୀ ଶସ୍ୟ ବିମା ଯୋଜନା ଏବଂ ପି.ଏମ୍. କୃଷକ ପୋର୍ଟାଲ୍ ସମ୍ପର୍କରେ ଥିବା ଅଭିଯୋଗ ଗୁଡ଼ିକର ଆଲୋଚନା ହୋଇଥିଲା । ଶ୍ରୀ ଚୌହାନ ପ୍ରତ୍ୟେକ ଅଭିଯୋଗର ସମାଧାନ ନିମନ୍ତେ ନିର୍ଦ୍ଦିଷ୍ଟ ସମୟସୀମା ଧାର୍ଯ୍ୟ କରିବା ଲାଗି ନିର୍ଦ୍ଦେଶ ଦେବା ସହ କୌଣସି ଅଭିଯୋଗ ଯେଭଳି ଦୀର୍ଘ ଦିନ ଧରି ସମାଧାନ ନ ହୋଇ ପଡ଼ି ନରହିବ ସେଥିପ୍ରତି ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ସେ କହିଛନ୍ତି, କୌଣସି ସମସ୍ୟାର ସମାଧାନରେ ଯଦି ଅଭିଯୋଗକାରୀ

କୃଷକ ସନ୍ତୁଷ୍ଟ ନ ହୋଇଛନ୍ତି, ସେ କ୍ଷେତ୍ରରେ ସେହି ଅଭିଯୋଗ ଉପରେ ପୁଣି ସମାଧାନ ଯୋଗାଇଦେବାକୁ ପଦକ୍ଷେପ ନିଆଯିବ । ଏହି ବୈଠକରେ ମନ୍ତ୍ରୀ ଶ୍ରୀ ଚୌହାନ କେଉଁ ରାଜ୍ୟରୁ ଅଧିକ ଅଭଯୋଗ ଆସିଛି ଏବଂ ସମାଧାନର କେଉଁ ସ୍ତରରେ ମନ୍ଥର ହେଉଛି ତାହା ଚିହ୍ନଟ କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି ।

## କୋଲଚ ସିଭିଲିଆନ୍ କିଲ୍ଡ

ପାକିସ୍ତାନର ବଲୁଚିସ୍ତାନରେ ପାକିସ୍ତାନ ସେନା ପକ୍ଷରୁ ବୋମା ମାଡ଼ରେ ୬ ଜଣ ନାଗରୀଙ୍କ ମୃତ୍ୟୁ ହୋଇଛି । ସେମାନଙ୍କ ମଧ୍ୟରେ ଛୋଟ ପିଲା ରହିଥିବା ଜଣାପଡ଼ିଛି । ସମ୍ପୃକ୍ତ ଅଞ୍ଚଳରେ ମାନବାଧିକାର ଉଲ୍ଲଙ୍ଘନ ନେଇ ବାରମ୍ବାର ଅଭିଯୋଗ ହେଉଥିବାରୁ ପାକିସ୍ତାନ ସେନା ପକ୍ଷରୁ ଆକାଶମାର୍ଗରୁ ବୋମା ନିକ୍ଷେପ ଫଳରେ ଏଭଳି ଘଟିଛି । ବଲୋଚ ଜାତୀୟ ମାନବାଧିକାର ଆନ୍ଦୋଳନ ପକ୍ଷରୁ ସାମାଜିକ ଗଣମାଧ୍ୟମରେ ଜାରି କରାଯାଇଥିବା ହୃଦୟ ବିଦାରକ ଭିଡ଼ିଓରେ ପାକିସ୍ତାନ ସେନାର ଅମାନବୀୟ କାର୍ଯ୍ୟ ସମ୍ପର୍କରେ ଜଣାପଡ଼ିଛି । ସୂଚନା ଅନୁଯାୟୀ ମୃତକ ୬ ଜଣଙ୍କ ମଧ୍ୟରେ ୪ ଜଣ ଛୋଟ ପିଲା ରହିଛନ୍ତି । ସେଠାକାର ମାନବାଧିକାର ସଂଗଠନ ପକ୍ଷରୁ କୁହାଯାଇଛି, ପାକିସ୍ତାନ ସେନାର ଏଭଳି ବର୍ବରୋଚିତ ଆକ୍ରମଣ ଜେନେଭା ଚୁକ୍ତି ଏବଂ ଆନ୍ତର୍ଜାତିକ ମାନବାଧିକାର

ଆଇନ୍‌ର ଉଲ୍ଲଙ୍ଘନ କରୁଛି । ଗତ ୫ରୁ ୧୦ ତାରିଖ ମଧ୍ୟରେ ବଲୁଚିସ୍ତାନର ଜେହେରି ଅଞ୍ଚଳରୁ ପାକିସ୍ତାନ ସେନା ଅନେକ ଜଣଙ୍କୁ ଉଠାଇ ନେଇଥିବା ଏବଂ ପରେ ସେମାନଙ୍କ ପତ୍ତା ମିଳୁନଥିବା କୁହାଯାଇଛି ।

## ସ୍ପୋର୍ଟସ୍ ରାଉଣ୍ଡଅପ୍

ଆଇ.ସି.ସି. ମହିଳା କ୍ରିକେଟ୍ ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆ ପ୍ରଥମ ଦଳ ଭାବେ ସେମିଫାଇନାଲ୍‌ରେ ପ୍ରବେଶ କରିଛି । ଗତ ସନ୍ଧ୍ୟାରେ ବିଶାଖାପଟନମ୍‌ରେ ଅନୁଷ୍ଠିତ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ୧୦ ୱିକେଟ୍‌ରେ ବାଂଲାଦେଶକୁ ପରାସ୍ତ କରିବା ପରେ ଯୋଗ୍ୟତା ହାସଲ କରିଛି । ତାଲିକାରେ ସର୍ବାଧବକ ୯ ପଏଣ୍ଟ ସହ ଅଷ୍ଟ୍ରେଲିଆ ଶୀର୍ଷରେ ରହିଥିବା ବେଳେ ବାଂଲାଦେଶ ୨ ପଏଣ୍ଟ ସହ ଷଷ୍ଠ ସ୍ଥାନରେ ରହିଛି । ଅନୁଷ୍ଠିତ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ବାଂଲାଦେଶ ନିର୍ଦ୍ଧାରିତ ୫୦ ଓଭରରେ ୯ ୱିକେଟ୍ ହରାଇ ୧୯୮ରନ୍ କରିଥିବା ବେଳେ ଅଷ୍ଟ୍ରେଲିଆ ୨୪ ଓଭର ୫ଟି ବଲ୍‌ରେ ୨୦୨ରନ୍ ସ୍କୋର କରିଥିଲା ।

ଆଜି କଲମ୍ବୋ ଠାରେ ଭାରତୀୟ ସମୟ ଅପରାହ୍ଣ ୩ଟାରେ ଦକ୍ଷିଣ ଆଫ୍ରିକା ଏବଂ ଶ୍ରୀଲଙ୍କା ମଧ୍ୟରେ ମୁକାବିଲା ହେବ ।

ଡେନ୍‌ମାର୍କ ଓପନ୍ ବ୍ୟାଡ୍‌ମିଣ୍ଟନ୍ ପ୍ରତିଯୋଗିତାରେ ଭାରତୀୟ ଖେଳାଳି ଲକ୍ଷ୍ୟ ସେନ ପୁରୁଷ ଏକକ ମ୍ୟାଚ୍‌ରେ କ୍ୱାର୍ଟର ଫାଇନାଲ୍‌କୁ ଉନ୍ନୀତ ହୋଇଛନ୍ତି । ସେ ଗତକାଲି ଆଣ୍ଡର୍ସ୍ ଆଣ୍ଟନ୍‌ସେନ୍‌ଙ୍କୁ ପରାସ୍ତ କରିଥିଲେ । ସେହିପରି ପୁରୁଷ ଡବଲ୍ସ୍‌ରେ ସାତ୍ୱିକ ସାଇରାଜ ରାଙ୍କି ରେଡ୍ଡୀ ଏବଂ ଚିରାଗ୍ ସେଟ୍ଟୀ ଚାଇନିଜ୍ ତାଇପେଇ ଯୋଡ଼ିଙ୍କୁ ପରାସ୍ତ କରି କ୍ୱାର୍ଟର ଫାଇନାଲ୍‌ରେ ପହଞ୍ଚିଛନ୍ତି । ଆଜି ଅପରାହ୍ଣ ୪ଟା ୩୦ ମିନିଟ୍‌ରେ ଭାରତୀୟ ଯୋଡ଼ି ଇଣ୍ଡୋନେସିଆ ଯୋଡ଼ିଙ୍କ ସହ ମୁକାବିଲା କରିବେ ।

ଆସନ୍ତା ମାସ ୨୪ ତାରିଖରୁ ରାଜସ୍ଥାନର ୭ଟି ସହରରେ ପଞ୍ଚମ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଆରମ୍ଭ ହେବ । ସେହି ସହରଗୁଡ଼ିକ ହେଉଛି– ଜୟପୁର, ଆଜମେର୍, ଉଦୟପୁର, ଯୋଧପୁର, ବିକାନେର୍, କୋଟା ଏବଂ ଭରତପୁର । ୧୨ ଦିନ ଧରି ଚାଲିବାକୁ ଥିବା ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ୨୩ଟି ପଦକ ପ୍ରଦାନ କରାଯିବ । ଦେଶର ୫ ହଜାରରୁ ଅଧିକ ବିଶ୍ୱବିଦ୍ୟାଳୟର କ୍ରୀଡ଼ାବିତ୍ ଏଥିରେ ଅଂଶଗ୍ରହଣ କରିବେ ।